ଧରିତ୍ରୀ
DHARITRI
ରବିବାର, ୨୩ ଅକ୍ଟୋବର, ୨୦୨୨

## କେନ୍ଦୁଝର ଜିଲା କାରାଗାରରେ ସ୍ୱତନ୍ତ୍ର ଅଦାଲତ

**କେନ୍ଦୁଝର,(ଡି.ଏନ୍.ଏ):** କେନ୍ଦୁଝର ଜିଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଏବଂ ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କର ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲା କାରାଗାରରେ ଶନିବାର ସ୍ୱତନ୍ତ୍ର ଜେଲ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅଦାଲତରେ ପ୍ରଥମ ଶ୍ରେଣୀ କନିଷ୍ଠ ବିଚାରପତି ସ୍ଥିତପ୍ରଜ୍ଞ ବିଶ୍ୱାଳ ଓ ଜିଲା ଆଇନ୍‌ସେବା ପ୍ରାଧିକରଣର ସଚିବ ମାମି ବେହେରା ଜେଲ ଅଦାଲତକୁ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ବାଇକ୍ ଚୋରି ଯୋଜନା ବେଳେ ଧରିଲା ପୋଲିସ ୨ ଯୁବକ ଗିରଫ

ଉଦଳା,୨୨।୧୦ (ଡି.ଏନ୍.ଏ.)-ବାଇକ୍ ଚୋରି ପାଇଁ ଯୋଜନା କରୁଥିବା ବେଳେ ଶୁକ୍ରବାର ରାତିରେ ୨ ଯୁବକଙ୍କୁ ଉଦଳା ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳର ବାଲେଙ୍କେଶ୍ୱର ପରିଡ଼ା ଏବଂ ଉଦଳା ଥାନା ଅଞ୍ଚଳର ଡିବାକର ରଣା। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉଦଳା ରାବଣପୋଡ଼ି ପଡ଼ିଆ ନିକଟ ଏକ ନିର୍ଦ୍ଦିଷ୍ଟ ଘରେ ଚଢ଼ାଉ କରିଥିଲା। ଉକ୍ତ ଘର ଭିତରେ ୫ରୁ ଅଧିକ ଯୁବକ ବାଇକ୍ ଚୋରି ପାଇଁ ଯୋଜନା କରୁଥିଲେ। ପୋଲିସ ୨ ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କ ନିକଟରୁ ଚୋରି କରିବାକୁ ବ୍ୟବହାର ପାଇଁ ଥିବା ସାମଗ୍ରୀ ପୋଲିସ ଜବତ କରିଛି। ଦୁଇ ଅଭିଯୁକ୍ତଙ୍କ ନାଁରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ଥାନାରେ ବହୁ ଚୋରି ମାମଲା ରହିଥିବା ଉଦଳା ଥାନାଧିକାରୀ ନିରୋଜ କୁମାର ସାମଲ କହିଛନ୍ତି। ଏନେଇ ଉଦଳା ଥାନାରେ ଏକ ମାମଲା (ନଂ.୩୨୨/୨୨) ରୁଜୁ କରାଯାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ଚୋରାକାଠ ବୋଝେଇ ପିକ୍‌ଅପ୍ ଜବତ

ସାରସକଣା,୨୨।୧୦(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନାଞ୍ଚଳ ଶୀର୍ଷା ବନବିଭାଗ ଅନ୍ତର୍ଗତ ଦେଉଳିପଦ୍ମପୁର ଗ୍ରାମ ଦେଇ ଯାଇଥିବା ସୁବର୍ଣରେଖା କେନାଲ ରାସ୍ତାରୁ ଏକ ଚୋରାକାଠ ବୋଝେଇ ପିକ୍‌ଅପ୍‌କୁ ଝାରପୋଖରିଆ ପୋଲିସ ଜବତ କରିଛି। ଡବ୍ଲୁବି ୨୯- ୬୯୨୨ ନମ୍ବର ବିଶିଷ୍ଟ ପିକ୍‌ଅପ୍ ସାରସକଣା ପଟୁ ପଶ୍ଚିମବଙ୍ଗକୁ ଯାଉଥିଲା। ସେଥିରେ ଚୋରା କାଠ ଚାଲାଣ କରାଯାଉଥିବା ଖବର ପାଇ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ପିକ୍‌ଅପ୍‌ର କୌଣସି କାଗଜପତ୍ର ନ ଥାଇ କାଠ ଚାଲାଣ ହେଉଥିଲା। ଏ ନେଇ ପୋଲିସ ଗାଡ଼ି ସମେତ ଚାଳକକୁ ଥାନାକୁ ଆଣି ଅଟକ ରଖିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ଫନୀନ୍ଦ୍ର ଭୂଷଣ ନାୟକ ପ୍ରକାଶ କରିଛନ୍ତି।

### ୧୬ ଟନ୍ ଚୋରା କୋଇଲା ଜବତ

ପଦ୍ମପୁର, ୨୨।୧୦(ଡି.ଏନ.ଏ.)-ଭଦ୍ରକ ଜିଲାର ପୃଥକ୍ ସ୍ଥାନରୁ ଚୋରା କୋଇଲା ବୋଝେଇ ୨ଟି ଟ୍ରକ୍ ପୋଲିସ ଜବତ କରିଛି। ମୋଟ ୧୬ ଟନ୍‌ରୁ ଉର୍ଦ୍ଧ୍ୱ କୋଇଲା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳ ଥାନା ପୋଲିସ ଜଗଦଳପୁର ଭୀମସାହିଠାରୁ ଚୋରା କୋଇଲା ବୋଝେଇ ଏକ ଟ୍ରକ୍ ଶୁକ୍ରବାର ବିଳମ୍ବିତ ରାତିରେ ଜବତ କରିଛି। ଗାଡ଼ିରେ ୮ ଟନ୍‌ରୁ ଉର୍ଦ୍ଧ୍ୱ କୋଇଲା ଥିଲା। ଏନେଇ ଥାନାରେ ମାମଲା (ନଂ.୫୩୦/୨୨) ରୁଜୁ ହୋଇଛି। ସେହିପରି ସାବରଙ୍ଗ ପୋଲିସ ଏରଡ଼ା ପଞ୍ଚାୟତର ବାସୁଆପଦାଠାରେ ୮ ଟନ୍‌ରୁ ଉର୍ଦ୍ଧ୍ୱ କୋଇଲା ସହ ଏକ ଟ୍ରକ୍ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୧୭୬/୨୨) ରୁଜୁ ହୋଇଛି।

### ଦିବ୍ୟାଙ୍ଗ କନକଲତା, ଗିରିଶଙ୍କୁ ଘରେ ମିଳିଲା ଭତ୍ତା

ଖଇରା, ୨୨।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୂଳି ପଞ୍ଚାୟତ ଗଣ୍ଡୁଆ ଗ୍ରାମର ଦିବ୍ୟାଙ୍ଗ ମହିଳା କନକଲତା ନାୟକ(୩୮) ଓ ରାଇଗଡ଼ିଆ ଗ୍ରାମର ଦିବ୍ୟାଙ୍ଗ ନାବାଳକ ଗିରିଶ ରାମ(୧୨) ବହୁଦିନରୁ ଭତ୍ତା ପାଇଁ ନେତା ପ୍ରଶାସନ ନିକଟରେ ଗୁହାରି କରି ଆସୁଥିଲେ। ବୁଧବାର ଖଇରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ, ସ୍ଥାନୀୟ ସରପଞ୍ଚ ମଦନ ସାନ୍ତରା ଓ ନିର୍ବାହୀ ଅଧିକାରୀ ବୀରେନ୍ଦ୍ର କୁମାର ଜେନାଙ୍କ ସହ ୨ ଦିବ୍ୟାଙ୍ଗଙ୍କୁ ତାଙ୍କ ଘରେ ଭେଟି ଭତ୍ତା ପ୍ରଦାନ କରିଛନ୍ତି। ଭତ୍ତା ପାଇବା ପରେ ଉଭୟଙ୍କ ମୁହଁରେ ଖୁସିର ଝଲକ ଦେଖିବାକୁ ମିଳିଥିଲା।

### ଶିକ୍ଷାବିତ୍‌ଙ୍କ ପରଲୋକ

ଧାମନଗର,୨୨।୧୦(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ଦାଶ(୮୩)ଙ୍କ ବୁଧବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଦାଶ, ସରପଞ୍ଚଙ୍କ ପ୍ରତିନିଧି କପିଳେନ୍ଦ୍ର ବଳ, ସୁଦର୍ଶନ ମାଝି, ଶିକ୍ଷକ ଅରୁଣ ରାଉତ, ଦିଲୀପ ଦାଶ, କିଶୋର ଦାଶ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

# ଦିନକ ପରେ କାଳୀପୂଜା, ସବୁଠି ଉତ୍ସାହ

- ସଜେଇ ହେଲାଣି ଚରମ୍ପା
- ୯ ମଣ୍ଡପରେ ପୂଜା ପାଇବେ ମା'

**ଭଦ୍ରକ ଅଫିସ, ୨୧।୧୦**

ଦିନକ ପରେ କାଳୀପୂଜା। କରୋନା ପାଇଁ ଦୁଇବର୍ଷ ଧରି ନିରାଡ଼ମ୍ବରରେ ପୂଜା ପାଳନ ହୋଇଥିବା ବେଳେ ଚଳିତବର୍ଷ ଧୁମ୍‌ଧାମ୍‌ରେ ମା'ଙ୍କୁ ଆରାଧନା କରାଯିବ। ଏଥିପାଇଁ ସବୁଠି ବେଶ୍ ଉତ୍ସାହ ଦେଖାଦେଇଛି। ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ମଧ୍ୟ ଜୋରଦାର କରାଯାଇଛି। କାଳୀପୂଜା ପାଇଁ ଓଡ଼ିଶାରେ ଭଦ୍ରକର ଖ୍ୟାତି ରହିଛି। ଭଦ୍ରକର ଗଣପର୍ବ ଭାବେ ପରିଚିତ କାଳୀପୂଜା ସମୟରେ ସହରର ଚରମ୍ପା ଷ୍ଟେଶନ ଅଞ୍ଚଳ ବେଶ୍ ଚଳଚଞ୍ଚଳ ହୋଇଉଠେ। ଏଥର ମା'ଙ୍କ ଆବାହନ ପାଇଁ ଚରମ୍ପା ଅଞ୍ଚଳ ସଜେଇ ହେଲାଣି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ଝଲସିବ ପରିବେଶ। ମା' ଭଦ୍ରକାଳୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜା ସାଙ୍ଗକୁ ସପ୍ତମାତୃକା ବେଶ ଅନୁଷ୍ଠିତ ହେବ। ଏହି ଅବସରରେ ଦୀପାବଳିଠାରୁ ୭ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜାପାଠ ସହ ମହାଯଜ୍ଞ ହେବ। ଚରମ୍ପା ସମେତ ସହରର ପ୍ରମୁଖ ସ୍ଥାନରେ ୯ ମଣ୍ଡପରେ ମା' କାଳୀ ପୂଜା ପାଇବେ। ସେନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। କେଉଁଠି କେବଳ ତୋରଣ କାମ ବାକି ଅଛି ତ ଆଉ କେଉଁଠି ମା'ଙ୍କ ମୂର୍ତ୍ତିରେ ରଙ୍ଗ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।



ସ୍କୁଲ ରୋଡ୍ ପୂଜା କମିଟି ମଣ୍ଡପରେ ମୂର୍ତ୍ତିରେ ରଙ୍ଗ ଦେଉଛନ୍ତି ଶିଳ୍ପୀ।

ଜନଶ୍ରୁତି ରହିଛି ଯେ, ୧୦୬ ବର୍ଷ ତଳେ ଜଣେ ଦକ୍ଷିଣ ଭାରତୀୟ କର୍ମଚାରୀଙ୍କ ଦ୍ୱାରା ଚରମ୍ପା ରେଲୱେ କଲୋନୀ ପରିସରରେ ପ୍ରଥମେ ଏହି ପୂଜା ଆରମ୍ଭ ହୋଇଥିଲା। ସେହି ପାରିବାରିକ କାଳୀପୂଜା ଏବେ ଭଦ୍ରକର ଗଣପର୍ବ ରୂପ ନେଇଛି। ରେଳବାଇ କର୍ମଚାରୀଙ୍କ ସହ ଚରମ୍ପା ବଜାର ବଣିକ ସଂଘ ଓ ଜନସାଧାରଣଙ୍କ ସହଯୋଗରେ ଷ୍ଟେଶନ ବଜାର ଅଞ୍ଚଳର ଟ୍ରାଫିକ୍ ଛକରେ ପୂଜା ପାଳିତ ହୋଇଆସୁଛି। ଚରମ୍ପା ବଜାରର ସ୍କୁଲ ରୋଡ୍ ପୂଜା କମିଟି ପକ୍ଷରୁ ଆର୍‌ସିବିଏଲ୍ ସ୍କୁଲ ପରିସର, ନବଗ୍ରହ ମନ୍ଦିର ରୋଡ୍ ଏରେଇଁ, ପିଡବ୍ଲ୍ୟୁଆଇ ଓ ଭଦ୍ରକ ସହର ରାଜଘାଟ ପୋଲ ନିକଟରେ କାଳୀପୂଜା ଅନୁଷ୍ଠିତ ହେଉଛି। ସେହିପରି ଚରମ୍ପାର ଡଗରାସାହି, ପଥରଆଡ଼ି କାଳୀପୂଜା କମିଟି, କାଉଡିଆ ସଂଘ କାଳୀପୂଜା କମିଟି ଏପରି ସମୁଦାୟ ୯ଟି ସ୍ଥାନରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ପୂଜା କରାଯିବ। ଏକ ମନ୍ଦିରରେ ସ୍ଥାୟୀ ମୂର୍ତ୍ତି ରୂପେ ପୂଜା ପାଆନ୍ତି ମା' ପଥରକାଳୀ। ତେବେ ଚଳିତବର୍ଷ ଏହି ପୂଜା କମିଟିର ମୁଖ୍ୟ ଆକର୍ଷଣ ୫୦ ଫୁଟ୍‌ର ସୁଉଚ୍ଚ ତୋରଣ। ସାମ୍ପ୍ରତିକ ପରିସ୍ଥିତିରେ ପୁଅବୋହୂଙ୍କ ଦ୍ୱାରା ନିର୍ଯାତିତ ହୋଇ ଶାଶୁ ଶ୍ୱଶୁର ବୃଦ୍ଧାଶ୍ରମରେ ଆଶ୍ରୟ ନେଉଛନ୍ତି। ସମାଜରେ ଏହି ନିର୍ଯାତନା ହାର କମାଇବା ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ଦେବା ପାଇଁ ସ୍କୁଲ ରୋଡ୍ ପୂଜା ମଣ୍ଡପରେ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଛି। ଏହାସହ ବିଭିନ୍ନ ପୌରାଣିକ କଥାବସ୍ତୁକୁ ନେଇ ପାର୍ଶ୍ୱମୂର୍ତ୍ତି ବିଭିନ୍ନ ମଣ୍ଡପରେ ନିର୍ମିତ ହୋଇଛି। ଦର୍ଶକଙ୍କ ଭିଡ଼ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ପୂଜା ମଣ୍ଡପରେ ସିସିଟିଭି ଲଗାଯିବାକୁ ଜିଲା ପ୍ରଶାସନ ପକ୍ଷରୁ ପୂଜା କମିଟିକୁ ପରାମର୍ଶ ଦିଆଯାଇଛି। ସେହିପରି ଅଗ୍ନିନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯିବ ବୋଲି ଏସ୍‌ପି ଚରଣ ସିଂ ମୀନା କହିଛନ୍ତି। ଏଠାରେ ମୀନାବଜାରରେ ବିକ୍ରିବଟା ପାଇଁ ଜିଲା ବାହାରୁ ଛୋଟବଡ଼ ବ୍ୟବସାୟୀ, ଦୋକାନୀ ଭଦ୍ରକରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କଲେଣି। ଚରମ୍ପା ସହରର ପ୍ରମୁଖ ସ୍ଥାନରେ ଯାତ୍ରାପାର୍ଟିର ହୋର୍ଡିଂ ଛାଇଗଲାଣି। ପ୍ରଶାସନ ପକ୍ଷରୁ ପ୍ରତି ଶହେ ମିଟର ବ୍ୟବଧାନରେ ଅସ୍ଥାୟୀ ଶୌଚାଳୟ ନିର୍ମାଣ ଓ ପ୍ରତି ଛକରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି।

# ଚିତ୍ରକଳ୍ପ ସାଜିବ ଆକର୍ଷଣ

## ଏଥର କଚେରି ବଜାର ମଣ୍ଡପରେ ମା'ଙ୍କ ପଥରମୂର୍ତ୍ତି



ବ୍ଲକରୋଡ୍ ପୂଜା ମଣ୍ଡପରେ ନିର୍ମିତ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

**ବାସୁଦେବପୁର, ୨୨।୧୦(ଡି.ଏନ.ଏ.)**

ଐତିହାସିକ କାଳୀପୂଜା ପାଇଁ ଚଳଚଞ୍ଚଳ ହୋଇଛି ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳ। ପୂଜା ମଣ୍ଡପଗୁଡ଼ିକ ମଧ୍ୟ ଏବେଠାରୁ ସଜେଇ ହେବା ଆରମ୍ଭ କରିଛି। ପ୍ରତିବର୍ଷ ପରି ଏଥର ମଧ୍ୟ ବାସୁଦେବପୁରରେ ୪ ମଣ୍ଡପରେ ମା'ଙ୍କୁ ପୂଜା କରାଯିବ। ସହରର ଟ୍ରାଫିକ ଛକରେ ଥିବା ସର୍ବପୁରାତନ ଆମ କାଳୀ ପୂଜା ମଣ୍ଡପ, ବ୍ଲକରୋଡ୍, ହାଇସ୍କୁଲ ଛକ ଓ କଚେରି ବଜାର ପୂଜା ମଣ୍ଡପରେ ମା' ବିରାଜିବେ। ଏଥିନିମନ୍ତେ ପୂଜାମଣ୍ଡପ ସାମ୍ନାରେ ଆକର୍ଷଣୀୟ ତୋରଣ, ମେଢ଼ ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସହର ମଧ୍ୟରେ ସୁସଜ୍ଜିତ ଆଲୋକମାଳା ଖଞ୍ଜା ହେଲାଣି। ବ୍ଲକରୋଡ୍ କାଳୀପୂଜା ମଣ୍ଡପରେ ସାମାଜିକ ଓ ପୌରାଣିକ ଚିତ୍ରକଳ୍ପ ମୁଖ୍ୟ ଆକର୍ଷଣ ସାଜିବ। ଏହା ଶ୍ରଦ୍ଧାଳୁ ତଥା ଦର୍ଶକଙ୍କ ମନ ମୋହିବ ବୋଲି ପୂଜା କମିଟି ସଦସ୍ୟ ମୃତ୍ୟୁଞ୍ଜୟ ଅଗସ୍ତି କହିଛନ୍ତି। ଚଳିତବର୍ଷ ଆଲୋକ ସଜ୍ଜା ସହ ତୋରଣକୁ ଅଧିକ ଆକର୍ଷଣୀୟ କରାଯାଇଥିବା କହିଛନ୍ତି କମିଟି ସଦସ୍ୟ ସୁଶାନ୍ତ ବେହେରା। ଶିଳ୍ପୀ ନାଗାର୍ଜୁନ ମିଶ୍ର ଅତି ନିଖୁଣ ଭାବେ ଚିତ୍ରକଳ୍ପ ମଥୁରା ବିଜୟ ଓ ବର୍ତ୍ତମାନର ସମାଜରେ ଘଟୁଥିବା ସାମାଜିକ, ରାଜନୈତିକ ଚିତ୍ରକଳ୍ପ ବ୍ଲକରୋଡ୍ ପୂଜା ମଣ୍ଡପରେ ଉପସ୍ଥାପନା କରିଛନ୍ତି।

ସେହିପରି ସର୍ବପୁରାତନ ପୂଜା ମଣ୍ଡପ ଆମ କାଳୀ କମିଟି ମଧ୍ୟ ଆଲୋକସଜ୍ଜା ସହ ପୌରାଣିକ ଚିତ୍ରକଳ୍ପ ଉପରେ ଗୁରୁତ୍ୱ ଦେଇଛି। ଚଳିତବର୍ଷ ପ୍ରଥମ କରି କଚେରି ବଜାର ପୂଜା ମଣ୍ଡପରେ ମା' କାଳୀଙ୍କର ପ୍ରସ୍ତରମୂର୍ତ୍ତି ସ୍ଥାପନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କାଳୀପୂଜାରେ ଏଠାରେ ମା'ଙ୍କର ପଥରମୂର୍ତ୍ତି ସ୍ଥାପନ କରାଯାଉଥିବା ବେଳେ ଏହା ଶ୍ରଦ୍ଧାଳୁଙ୍କ ମୁଖ୍ୟ ଆକର୍ଷଣ ପାଲଟିବ। ଏବି ହାଇସ୍କୁଲ ଛକ ମଣ୍ଡପରେ ମଧ୍ୟ ମା'ଙ୍କର ମେଢ଼ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶାନ୍ତିପୂର୍ଣ୍ଣ ଭାବେ ପୂଜା ସମାପନ, ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କ ମୌଳିକ ସମସ୍ୟା ଦୂର କରିବା ପାଇଁ ପୂଜା କମିଟି, ପ୍ରଶାସନ ଓ ପୌରପାଳିକା ପକ୍ଷରୁ ବ୍ୟବସ୍ଥା କରାଯାଇଛି।

# ଚାଷୀଙ୍କୁ ଉପେକ୍ଷା ନେଇ ଉଦ୍‌ବେଗ

**ଖଇରା, ୨୨।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରାଠାରେ କୃଷକ ସଭାର ୨ଦିନିଆ ଜିଲା ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଏକ ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରି ଦୁର୍ଗା ମଣ୍ଡପରେ ପହଞ୍ଚିଥିଲା। ଅପରାହ୍ଣରେ ଦୁର୍ଗା ମଣ୍ଡପରେ ଆୟୋଜିତ ସଭାରେ ଅଭ୍ୟର୍ଥନା କମିଟି ସଭାପତି ଜଗତାନନ୍ଦ ମହାପାତ୍ର ପୌରୋହିତ୍ୟ କରିଥିଲେ। ଓଡିଶା କୃଷକ ସଭାର ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରାଏ, ସମ୍ପାଦକ ସୁରେଶ ପାଣିଗ୍ରାହୀ, ଉପସଭାପତି ନିର୍ମଳ ନାୟକ, ଜିଲା ସଭାପତି ପ୍ରେମରଞ୍ଜନ ପାତ୍ର, ସମ୍ପାଦକ ସିତାଂଶୁ ସେନାପତି ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। ଉପେନ୍ଦ୍ର





ଖଇରା ବଜାର ପରିକ୍ରମା କରୁଥିବା କୃଷକ ସଭାର ଶୋଭାଯାତ୍ରା।

ଦାସ ଓ ଆଇନଜୀବୀ ଭରତ କୁମାର ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶନିବାର ପ୍ରଥମ ଅଧିବେଶନରେ ଜିଲାର ବିଭିନ୍ନ ବ୍ଲକର ୧୨୫ ପ୍ରତିନିଧି ଯୋଗ ଦେଇଥିଲେ। ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଓ ରାଜ୍ୟ ସଭାପତି ଉପସ୍ଥିତ ରହି ଆନ୍ଦୋଳନ ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଆହ୍ୱାନ ଦେଇଥିଲେ । ସମ୍ମିଳନୀରେ ୧୫ ବରିଷ୍ଠ କୃଷକ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ୩ବର୍ଷ ପାଇଁ ୨୭ଜଣିଆ ଜିଲା କମିଟି ଗଠନ କରାଯାଇଛି ।

## ଭେଷଜ ବିଶେଷଜ୍ଞଙ୍କ ପୁନଃ ନିଯୁକ୍ତିକୁ ବିରୋଧ

**ପାଟଣା,୨୨।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ ବିଶେଷଜ୍ଞଙ୍କ ପୁନଃ ନିଯୁକ୍ତିକୁ ବିରୋଧ କରାଯାଇଛି। ଏ ନେଇ ଅଞ୍ଚଳର ସାମାଜିକ କର୍ମୀମାନେ ଜିଲାପାଳ ଆଶିଷ ଠାକରେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଜିଲା ଖଣିଜ ପାଣ୍ଠିରୁ ପ୍ରଦତ୍ତ ୩ ଠିକା ଡାକ୍ତର କର୍ତ୍ତବ୍ୟରେ ଅବହେଳା ନେଇ ଜୁଲାଇ ୨୯ରେ ପାଟଣା ବ୍ଲକରେ ଚାଲିଥିବା ଜିଲାପାଳଙ୍କ ଜନଶୁଣାଣିରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜିଲା ଚିକିତ୍ସାଧିକାରୀ ସମ୍ପୃକ୍ତ ଡାକ୍ତରଙ୍କୁ କେନ୍ଦୁଝର ବଦଳି କରିଥିଲେ। ଭେଷଜ ଡାକ୍ତର ପୁନର୍ବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସ୍ଥାପିତ ହେବା ପାଇଁ ଚକ୍ରାନ୍ତ କରୁଛନ୍ତି। ଏହାକୁ ବିରୋଧ କରି ଅଜୟ ଦାସ ଓ ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ଶତାଧିକ ଲୋକେ ଦାବିପତ୍ର ପ୍ରଦାନ କରିଛନ୍ତି।

# ବାଂଶପାଣି ରେଳ ସାଇଡିଂକୁ ଲୁହାପଥର ପରିବହନ ବନ୍ଦ

## ସୁରକ୍ଷା ପ୍ରତି ରେଳ ବିଭାଗର ଅବହେଳା

**ଯୋଡ଼ା,୨୨।୧୦(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଦକ୍ଷିଣ ପୂର୍ବ ରେଳପଥ ଅନ୍ତର୍ଗତ ବାଂଶପାଣି ରେଳସାଇଡିଂକୁ ଲୁହାପଥର ପରିବହନ ବନ୍ଦ ହୋଇଛି। ସୁରକ୍ଷା ପ୍ରତି ରେଳ ବିଭାଗ ଅବହେଳା କରୁଥିବାରୁ ପରିବହନ ବେଳେ ଦୁର୍ଘଟଣା ଘଟୁଥିବା ଟ୍ରକ୍ ମାଲିକ ଅଭିଯୋଗ କରିଛନ୍ତି। ଏହାକୁ କେନ୍ଦ୍ର କରି ଖଣି ଅଞ୍ଚଳ ପରିବହନ ସଂଘ ମାଇନିଂ ଏରିଆ ଟ୍ରକ୍ ଓନର୍ ଆସୋସିଏନ (ମାଟୋଆ) ପକ୍ଷରୁ ଗୁରୁବାରଠାରୁ ଉକ୍ତ ରାସ୍ତା ଦେଇ ହେଉଥିବା ପରିବହନକୁ ବନ୍ଦ କରିଦେଇଛନ୍ତି। ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ବାଂଶପାଣି ରେଳସାଇଡିଂରୁ ଦୈନିକ ରେକ ଯୋଗେ ପ୍ରାୟ ୪୦ ହଜାର ଟନ୍ ଲୁହାପଥର ପରିବହନ କରାଯାଇଥାଏ। ଏଥିରେ ମାଟୋଆରେ ପଞ୍ଜିକୃତ ୪ ହଜାର ଟ୍ରକ୍ ନିୟୋଜିତ ହୋଇଛନ୍ତି। ହେଲେ ସାଇଡିଂର ସୁରକ୍ଷା ପ୍ରସଙ୍ଗ ପ୍ରତି ବିଭାଗ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି। ସାଇଡିଂରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନ ଥିବା ବେଳେ ବର୍ଷାଦିନେ ରାସ୍ତାରେ ପାଣି କାଦୁଅରେ ଭର୍ତ୍ତି ହୋଇ ଶୋଚନୀୟ ହୋଇପଡୁଛି। ଟ୍ରକ୍ ମାଲିକଙ୍କ ଦାବି ଫଳରେ ଦକ୍ଷିଣ-ପୂର୍ବ ରେଳ, ଚକ୍ରଧରପୁର ବିଭାଗ ୧୬ ଫେବୃୟାରୀ ୨୦୨୧ରେ ରାସ୍ତା ମରାମତି ପାଇଁ ୧ କୋଟି ୭୮ଲକ୍ଷ ୫୮ ହଜାର ୪୪ ଟଙ୍କାର ବ୍ୟୟ ଅଟକଳ (ଚିଠି ସଂଖ୍ୟା-୧୦/ଏସ୍/ସିକେପି/୨୧)ରେ କରିଥିଲେ। ଚିଠିକୁ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଦୈନିକ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେଉଛି। ଏ ନେଇ ମାଟୋଆ ପକ୍ଷରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ରେଲ ସାଇଡିଂକୁ ବିଭିନ୍ନ ଖଣିରୁ ଲୁହାପଥର ପରିବହନ ବନ୍ଦ କରି ଦିଆଯାଇଛି।

## ଗଡ଼ଦେଉଳିଆ ହାଟରୁ ବାଇକ୍ ଚୋରି

**ବୈଶିଙ୍ଗା,୨୨।୧୦(ଡି.ଏନ.ଏ)** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ସାପ୍ତାହିକ ହାଟରୁ ଶୁକ୍ରବାର ଏକ ବାଇକ୍ ଚୋରି ହୋଇଛି। ସନ୍ଧ୍ୟା ସମୟରେ ହାଟରେ ନିକଟସ୍ଥ ଭାନୁପୁର ଗ୍ରାମର ବିନୁ ମାରାଣ୍ଡି ପନିପରିବା କିଣିବା ପାଇଁ ଯାଇଥିଲେ। ସେଠାରୁ ନଂ. ଓଡି ୦୧ଏସ ୦୫୧୭ ବାଇକଟି ଚୋରି ହୋଇଥିବା ନେଇ ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବୈଶିଙ୍ଗା ଥାନାରେ ମାମଲା ରୁଜୁ ହୋଇଛି।

# ପୋଲିସ ଶହୀଦ ଦିବସ

**ବାଲେଶ୍ୱର ଅଫିସ, ୨୨।୧୦**

ବାଲେଶ୍ୱର ଜିଲା ପୋଲିସ ପକ୍ଷରୁ ସହରର ପୋଲିସ ଲାଇନ୍ ରିଜର୍ଭ ପଡ଼ିଆରେ ୬୩ତମ ପୋଲିସ ଶହୀଦ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପୂର୍ବାଞ୍ଚଳ ଜୋନ୍ ପୋଲିସ ଆଇଜି ହିମାଂଶୁ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ତ୍ୟାଗନିଷ୍ଠ କର୍ତ୍ତବ୍ୟ ହିଁ ପୋଲିସକୁ ସାଧାରଣରେ ବିଶ୍ୱାସଭାଜନ କରିପାରିଥିବା ମତପ୍ରକାଶ କରିଥିଲେ। ସାମୂହିକ ପ୍ୟାରେଡ୍ ଅଭିବାଦନ ଗ୍ରହଣ ପରେ ଡିଆଇଜି ଶ୍ରୀ ଲାଲ୍‌ଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।ରିଜର୍ଭ ପୋଲିସ ଇନ୍‌ସ୍ପେକ୍ଟର ସଦାଇ ଶଙ୍କର ଟୁଡୁ ପ୍ୟାରେଡ ପରିଚାଳନା କରିଥିବା ବେଳେ ସର୍ଜେଣ୍ଟ ପ୍ରବୀଣ କୁମାର ସକ୍ରିୟ ସହଯୋଗ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପାଣିଗ୍ରାହୀ ଓ ଅନୀଲ କୁମାର ପ୍ରଧାନ, ଡିଏସପି ବ୍ରଜେଶ୍ୱରୀ ବଳ, କ୍ଷିତୀଶ କୁମାର ଜେନା, ମାନସ କୁମାର ଦେ, ଗାୟତ୍ରୀ ପ୍ରଧାନ, ଆଲୋକ ରଞ୍ଜନ ରାୟ, ବଳରାମ ନାୟକ ଓ ବ୍ରଜମୋହନ ପ୍ରଧାନ, ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରା, ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ, ନୀଳଗିରି ଏସ୍‌ଡିପିଓ ରୀତେଶ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ଜିଲାର ବିଭିନ୍ନ ଥାନାର ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଅଧିକାରୀଙ୍କୁ ସଦର ମହକୁମା ନ ଛାଡ଼ିବାକୁ ନିର୍ଦ୍ଦେଶ

## ସମ୍ଭାବ୍ୟ ବାତ୍ୟା ମୁକାବିଲା ସମୀକ୍ଷା ବୈଠକ

**ବାରିପଦା ଅଫିସ,୨୨।୧୦**

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଓସାନହଲରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ନିମନ୍ତେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକରେ ଜିଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରି, ଉପଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୂଚାରୁ ବଳ, ସିଡିଏମଓ, ସିଡିଭିଓ, ଜିଲା ଜରୁରୀ ଅଧିକାରୀ ସୁଜୟ ପତିଙ୍କ ସହ ସମସ୍ତ ଉପଜିଲାପାଳ, ତହସିଲଦାର, ବିଡିଓ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବାତ୍ୟା ପ୍ରଭାବରେ ପ୍ରାକ୍ ସତର୍କତା ପୂର୍ବକ ସ୍ଥିତିର ମୁକାବିଲା ତଥା ନଦୀ କୂଳବର୍ତ୍ତୀ ତଳିଆ ଓ ବସ୍ତି ଅଞ୍ଚଳରେ ଜରୁରିକାଳୀନ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ବିଦ୍ୟାଳୟ ଗୃହ, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଆଶ୍ରୟସ୍ଥଳ ଦାୟିତ୍ୱରେ ଦୁଇଜଣ ପୁରୁଷ ଓ ଜଣେ ମହିଳା ଅଧିକାରୀଙ୍କ ମୋବାଇଲ ନମ୍ବର ସମେତ ଆଶ୍ରୟସ୍ଥଳ ତାଲିକା ପ୍ରସ୍ତୁତ କରି ଜିଲା କାର୍ଯ୍ୟାଳୟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗର୍ଭବତୀ ମହିଳାଙ୍କ ନିମନ୍ତେ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଯେପରି କୌଣସି ମୃତ୍ୟୁ ନ ଘଟେ ସେଥିପ୍ରତି ଯତ୍ନବାନ ହେବାକୁ କୁହାଯାଇଛି। ଜିଲା ଜରୁରୀ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ନିୟମିତ ସମୟ ବ୍ୟବଧାନରେ ବୃଷ୍ଟିପାତର ଠିକ୍ ବିବରଣୀ ପଠାଇବା ପାଇଁ ଦୁଇ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ବିଡିଓ ଏବଂ ତହସିଲଦାରମାନଙ୍କୁ ପରାମର୍ଶ ଦେବା ସହ ବାତ୍ୟା ଓ ବନ୍ୟା ଟଳିଯିବାର ପରବର୍ତ୍ତୀ ଦିନରେ କ୍ଷୟକ୍ଷତି ଆକଳନ କରି ଫଟୋଗ୍ରାଫି ଏବଂ ଭିଡିଓ କ୍ଲିପିଙ୍ଗ ସହ ପ୍ରାଥମିକ ବିବରଣୀ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୟ ମଧ୍ୟରେ କୌଣସି କର୍ମଚାରୀ ସଦର ମହକୁମା ନଛାଡ଼ିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ ମାଧ୍ୟମ 'ସୁରଭି'

**ବାହାନଗା/ସିମୁଳିଆ,୨୨।୧୦ (ଡି.ଏନ.ଏ.)**

ବାହାନଗା ବ୍ଲକ ଭିଲ୍ଲା ଆଞ୍ଚଳିକ ସାଧନା କେନ୍ଦ୍ର ପକ୍ଷରୁ କରଞ୍ଜାବିନ୍ଧା ମଧ୍ୟଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି -୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସଭାରେ ପୌରହିତ୍ୟ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଦାସ। ମୁଖ୍ୟ ଅତିଥି ଭାବେ ବରିପଦା ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତ ମାଝୀ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ଲାଗି ଶିଶୁ ମହୋତ୍ସବ ସୁରଭି ଏକ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କ୍ଲଷ୍ଟରର ସିଆରସିସି ଶଙ୍କର୍ଷଣ ସେଠୀ, ଅନ୍ୟତମ ଅତିଥି ଭାବେ ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଯେନା, କରଞ୍ଜାବିନ୍ଧା କ୍ଷେତ୍ରମୋହନ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରତ୍ନାକର ସ୍ୱାଇଁ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ



ସିମୁଳିଆ ବ୍ଲକ ଝାଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ।

ଶିକ୍ଷକ ସୁପ୍ରିୟ କୁମାର ସାହୁ। ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଯଦୁନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

ସେହିପରି ସିମୁଳିଆ ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝାଟିଆ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଇତାପୁର କ୍ଲଷ୍ଟର ଅଧୀନରେ ଥିବା ୯ଟି ବିଦ୍ୟାଳୟର ୧୦୫ଜଣ ଛାତ୍ରୀଛାତ୍ର ପ୍ରତିଯୋଗୀ ରୂପେ ଯୋଗେ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ମନୋରମା ବେହେରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଅନୁଶିକ୍ଷା ଅଧିକାରୀ ବିଦ୍ୟାଧର ମହାଳିକ , ମୁଖ୍ୟ ବକ୍ତାରୂପେ ସ୍ଥାନୀୟ ଭାରତ ସେବାନିଧି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜେନାଲ ସିଂ, ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଜଗବନ୍ଧୁ ମଲିକ, ସିଆରସିସି ଶତ୍ରୁଘନ ଦତ୍ତ, ଜୟନ୍ତ ନାୟକ, ଅଭୟ କୁମାର ଧନ୍ଦା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ମଗୁ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଜନ୍ମେଜୟ ମାନ୍ନାଙ୍କ ସହଯୋଗରେ ଝାଟିଆ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ସତ୍ୟରଞ୍ଜନ ମହାଳିକ ମଞ୍ଚ ସଞ୍ଚାଳନା, ଶିକ୍ଷକ ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ସତ୍ୟାନନ୍ଦ ମଲିକ ମଞ୍ଚ ସଞ୍ଚାଳନା କରିଥିଲେ ।

**କଲଭର୍ଟ ତଳକୁ ଖସିପଡ଼ିଲା ସ୍କୁଟି**
## ଚାଳକ ମୃତ, ୨ ଗୁରୁତର

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଦେଇ ଯାଇଥିବା ୪୯ ନଂ. ରାଜପଥ ରେଙ୍ଗାଲବେଡ଼ା ନିକଟରେ ଥିବା କଲଭର୍ଟ ତଳକୁ ଶନିବାର ଏକ ସ୍କୁଟି ଭାରସାମ୍ୟ ହରାଇ ଗଳିପଡ଼ିଛି। ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ବାରିଆ ଥାନା ପାହାଡ଼ପୁର ଗ୍ରାମର ପ୍ରଦୀପ ନାଏକ(୨୫)। ଗୁରୁତର ବ୍ୟକ୍ତି ହେଉଛନ୍ତି ସୁରେଶ ମହାନ୍ତ ଓ ଦୁଷ୍ମନ୍ତ ମହାନ୍ତ। ସମସ୍ତଙ୍କୁ ଏନ୍ଏଆଇ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

**ଡମ୍ପର ଧକ୍କାରେ କଲେଜ ଛାତ୍ରୀ ମୃତ**
### ମୃତଦେହ ରଖି ରାସ୍ତା ଅବରୋଧ

ଔପଦା, ୨୨।୧୦-ବାଲେଶ୍ୱର ଜିଲା ଔପଦା-ଫତେପୁର ରାସ୍ତାର ଆଦର୍ଶ ବିଦ୍ୟାଳୟ ନିକଟରେ ଶନିବାର ପୂର୍ବାହ୍ନରେ ଡମ୍ପର ଧକ୍କାରେ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଡମ୍ପରକୁ ଜବତ କରାଯିବା ସହ ଚାଳକଙ୍କୁ ଔପଦା ଥାନାରେ ଅଟକ ରଖାଯାଇଛି। ମୃତ ଛାତ୍ରୀ ହେଲେ କରିଷ୍ମା ପାତ୍ର। ରାଇରାମଚନ୍ଦ୍ରପୁର ପଞ୍ଚାୟତ ମହିଁଷାଡାଳି ଦେଉରୀସାହି ଗ୍ରାମର କରିଷ୍ମା ଔପଦା କଲେଜର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ। କରିଷ୍ମା ନିଜ ସାଇକେଲରେ ଉକ୍ତ ରାସ୍ତା ଦେଇ କଲେଜ ଆସୁଥିବା ବେଳେ ଡମ୍ପର ପଛପଟୁ ଆସି ଧକ୍କା ଦେଇଥିଲା। ଛାତ୍ରୀଜଣଙ୍କ ରାସ୍ତା ତଳକୁ ଛିଟିକି ପଡ଼ି ଚେତା ହରାଇଥିଲେ। ଗାଡ଼ି ନେଇ ଡ୍ରାଇଭର ଦ୍ରୁତଗତିରେ ନେଇ ପଳାଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଅଟକାଇବାରୁ ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ନେଇଥିଲେ। ଅଚେତ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବା ଛାତ୍ରୀଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଔପଦା ଡାକ୍ତରଖାନା ଓ ପରେ ସୋର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଓ ଗ୍ରାମବାସୀ ଥାନା ଆଗରେ ଶବକୁ ରଖି କ୍ଷତିପୂରଣ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପରେ ଛାତ୍ରୀଙ୍କ ମୃତଦେହ ନେଇ ଥାନା ସମ୍ମୁଖରେ ଥିବା ଗଣ୍ଡିବେଡ଼-ଔପଦା ରାସ୍ତାରେ ଟାୟାର୍ ଜାଳି ଅବରୋଧ କରିଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ସାରସକଣା,୨୨।୧୦(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନସ୍ଥ ୧୮ନଂ. ଜାତୀୟ ରାଜପଥ ଧାଙ୍ଗୁଡିଶୋଳରୁ ଶଙ୍କୁଚା ମଧ ରାସ୍ତାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେମାଟିଆବେଡା ଗ୍ରାମର ଅସିତ ପଣ୍ଡାଙ୍କ ପୁଅ ଆଶିକ୍ପଣ୍ଡା(୨୨)। ସେ ସନ୍ଧ୍ୟା ୭ଟା ସମୟରେ ଓଡି-୧୧ୟାଇ-୯୩୪୫ ନମ୍ବର ବିଶିଷ୍ଟ ବୁଲେଟ୍‌ରେ ଯାଉଥିବା ସମୟରେ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଉପସ୍ଥିତ ଲୋକେ ଥାନାକୁ ଖବର ଦେବା ପରେ ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାୟକ ପହଞ୍ଚି ମୃତଦେହ ଜବତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଲୋକେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

### ରାସ୍ତାରୁ ମୃତଦେହ ଜବତ

ଖୁଣ୍ଟା/କୁଆମରା, ୨୨।୧୦ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ରାଣୀବନ୍ଧ ପଞ୍ଚାୟତର ଛୁରୁଣୀ ରାସ୍ତାରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଅଠଲାଗଡ଼ି ଗ୍ରାମର ପ୍ରକାଶ ମହାପାତ୍ର(୪୦)। ଶନିବାର ସକାଳେ ଛୁରୁଣୀ-ଅଠଲାଗଡ଼ି ରାସ୍ତାର ବଣପୋଖରୀ ନିକଟରେ ପ୍ରକାଶଙ୍କ ମୃତଦେହ ପଡ଼ିଥିବା ଦେଖି ଲୋକେ ତାଙ୍କ ପରିବାର ଏବଂ ଖୁଣ୍ଟା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୬୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ରଡ୍‌ରେ ବନ୍ଧା ହୋଇଛି ନୀଳଚକ୍ର

**ଅବହେଳିତ ପୁରାତନ ସିଦ୍ଧ ଜଗନ୍ନାଥ ମନ୍ଦିର**

- ଗର୍ଭଗୃହରେ ଗଳୁଛି ପାଣି
- ନବୀକରଣ କରିବାକୁ ଦାବି

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୨।୧୦


ଗୁମୁଟର ନୀଳଚକ୍ର ଭାଙ୍ଗି ଯାଇଛି।

କେନ୍ଦୁଝର ପୁରୁଣା ସହର ସିଦ୍ଧ ମଠଠାରେ ଥିବା ସିଦ୍ଧ ଜଗନ୍ନାଥ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ମୁଖ୍ୟ ମନ୍ଦିର ଓ ଗୁମୁଟର ନୀଳଚକ୍ର ଦୀର୍ଘ ଦିନ ହେବ ଭାଙ୍ଗିଯାଇଛି। ମରାମତି କରା ନ ଯାଇ ନୀଳଚକ୍ରକୁ ଏକ ରଡ୍ ସାହାଯ୍ୟରେ ବାନ୍ଧି ରଖାଯାଇଛି। ଗର୍ଭଗୃହରେ ପାଣି ଗଳୁଥିବାରୁ ପୂଜା କାର୍ଯ୍ୟରେ ବାଧା ଉପୁଜୁଛି। ସରକାର ବହୁ ପୁରାତନ ଐତିହ୍ୟର ନବୀକରଣ କରୁଥିବା ବେଳେ ଉକ୍ତ ମନ୍ଦିରକୁ ଅବହେଳା ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ସିଦ୍ଧସାଧନର ପୀଠ ସିଦ୍ଧମଠରେ ଥିବା ସିଦ୍ଧ ଜଗନ୍ନାଥ ମନ୍ଦିର ବହୁ ପୁରାତନ। ଚୁଳିଆ ପାଦଦେଶରେ ଥିବା ଉକ୍ତ ସ୍ଥାନରେ ଅନେକ ଶହ ବର୍ଷ ତଳେ ସିଦ୍ଧତନ୍ତ୍ର ସାଧକମାନେ ପୂଜା କରି ଆସୁଥିଲେ। ମନ୍ଦିର ପ୍ରତିଷ୍ଠା କେବେ ହୋଇଥିଲା ଠିକ୍ ତଥ୍ୟ ନ ଥିଲେ ହେଁ କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରଠାରୁ ପ୍ରାୟ ୨୦୦ ବର୍ଷ ପୁରୁଣା ତଥା ଜିଲାର ପ୍ରଥମ ମନ୍ଦିର ଭାବେ ପରିଗଣିତ ହୋଇଆସୁଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ଦିନ ହେଲା ମନ୍ଦିରର ଗୁମୁଟ ଉପରେ ଥିବା ନୀଳଚକ୍ର ଢଳିପଡ଼ିଛି। ମୁଖ୍ୟ ମନ୍ଦିର ନୀଳଚକ୍ର ମଧ ଭାଙ୍ଗିଯାଇଛି। ମରାମତି କରା ନ ଯାଇ ଲୁହାଛଡ଼କୁ ସର୍ବାଗ୍ରେ ପୋତି କାମଚଳା ଭାବେ ବାନ୍ଧି ରଖାଯାଇଛି। ନୀଳଚକ୍ର ମଧ ମନ୍ଦିର ଭଳି ପ୍ରାୟ ୧୨ରୁ ୧୫ଶହ ବର୍ଷ ପୁରୁଣା। ଠାକୁରଙ୍କ ଅମାପ ସମ୍ପତ୍ତି ରହିଛି। ଏହା ସତ୍ତ୍ୱେ ପୁରୁଣା କୀର୍ତ୍ତିରାଜି ଐତିହ୍ୟସମ୍ପନ୍ନ ମନ୍ଦିରର ଏଭଳି ଅବସ୍ଥା ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଦ୍ୟାଧର ବେହେରା କହିଛନ୍ତି। କିଛି ବର୍ଷ ତଳେ ମନ୍ଦିରର ମରାମତି କରାଯାଇଥିଲେ ହେଁ ନିମ୍ନମାନର କାମ ଯୋଗୁ ମନ୍ଦିର ଗର୍ଭଗୃହରୁ ପାଣି ଗଳୁଛି। ଠାକୁରଙ୍କ ପୂଜାର୍ଚ୍ଚନା ପାଇଁ ଥିବା ବହୁ ପୁରୁଣା କୂଅ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ମନ୍ଦିର ପରିସରରେ ଥିବା ବଡ଼ ଗଛଗୁଡ଼ିକ ଉପୁଡ଼ି ପଡ଼ିଥିଲେ ହେଁ ସଫେଇ ହେଉନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏଠାରେ କେବଳ ସିଦ୍ଧ ଜଗନ୍ନାଥ ପୂଜା ପାଇ ଆସୁଛନ୍ତି। କୁହାଯାଏ ତନ୍ତ୍ର ବଳରେ ପୂଜାର୍ଚ୍ଚନା କରାଯାଉଥିବାରୁ ଏଠାରେ ଶ୍ରୀଜିଉ କଳାବସ୍ତ୍ର ପରିଧାନ କରିଥାନ୍ତି। ମନ୍ଦିର ଆଗରେ ଗରୁଡ଼ ବଦଳରେ ମହାବୀର ହନୁମାନ ପୂଜିତ ହେଉଛନ୍ତି। ଆଗରୁ ରାମତାରକ ମନ୍ତ୍ରରେ ପୂଜା କରାଯାଉଥିଲା, ପରବର୍ତ୍ତୀ ସମୟରେ ଗୋପାଳ ମନ୍ତ୍ରରେ ପୂଜାପାଇ ଆସୁଛନ୍ତି ବୋଲି ପୂଜକ ସଞ୍ଜୟ ତ୍ରିପାଠୀ କୁହନ୍ତି। ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପୂର୍ବରୁ ଏଠାରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲା। ପରବର୍ତ୍ତୀ ସମୟରେ ଅବହେଳିତ ହୋଇ ଆଗଭଳି ପୂଜାର୍ଚ୍ଚନା, ଯାନିଯାତ୍ରା ପାଳନ ହେଉନାହିଁ। ସରକାର ପୁରାତନ ଐତିହ୍ୟର ସୁରକ୍ଷା ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥି ସହ ଜିଲାରେ ଖଣି ତଥା ବିଭିନ୍ନ ନିଜସ୍ୱ ପାଣ୍ଠି ରହିଥିଲେ ହେଁ ମନ୍ଦିର ରକ୍ଷଣାବେକ୍ଷଣ ଅର୍ଥାଭାବ ଦର୍ଶାଇ କରାଯାଉନାହିଁ। ଏହା ଦୁଃଖଦ ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି। ମନ୍ଦିର ନବୀକରଣ କରିବାକୁ ଦାବି ହୋଇଛି।




@ ବାପିନି


@ ପ୍ରୟାସ


@ ଶ୍ରୀନୁ


@ ମମତା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ନୀଳଗିରିମୁହାଁ ଝାଡ଼ଖଣ୍ଡୀ ହାତୀ


ନୀଳଗିରି ଅଞ୍ଚଳରେ ହାତୀପଲ।

ନୀଳଗିରି, ୨୨।୧୦(ସ୍ୱ.ପ୍ର.)

**ପଲରେ ଅଛନ୍ତି ୭୨ରୁ ଊର୍ଦ୍ଧ୍ୱ**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ଗତ ୨୦୧୦ରୁ ଝାଡ଼ଖଣ୍ଡ ହାତୀପଲ ଆସୁଛନ୍ତି। ଚଳିତବର୍ଷ ମଧ୍ୟ ଚିରାଚରିତ ଢଙ୍ଗରେ ୭୨ରୁ ଊର୍ଦ୍ଧ୍ୱ ହାତୀ ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଆସି ଓଡ଼ିଶା ସୀମା ପାର ହୋଇ ୩ଦିନ ହେବ ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ନଡ଼ପୁର ଅଞ୍ଚଳରେ ଚଳପ୍ରଚଳ କରୁଛନ୍ତି।

ଏହି ହାତୀପଲ ଖାଦ୍ୟ ଅନ୍ୱେଷଣରେ ପ୍ରତିବର୍ଷ ଅକ୍ଟୋବର ଓ ନଭେମ୍ବରରେ ଆସି ନୀଳଗିରିମୁହାଁ ହୋଇ ପୁନର୍ବାର ଜାନୁୟାରୀ ଓ ଫେବୃୟାରୀରେ ବାହୁଡିଥାନ୍ତି। ଏହି ସମୟ ମଧ୍ୟରେ ଏକର ଏକର ଚାଷ ଜମି ବ୍ୟାପକ ଭାବେ କ୍ଷତି କରିଥାନ୍ତି। ତେବେ ନୀଳଗିରି ମୁଖେ ହାତୀପଲ ଅଗ୍ରସର ହେବା ନେଇ ବନାଞ୍ଚଳବାସୀଙ୍କ ଧନଜୀବନକୁ ସୁରକ୍ଷିତ ରଖିବା ପାଇଁ ନୀଳଗିରି ବନବିଭାଗ ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ଓ କୁଲଡିହା ବନବିଭାଗର ରେଞ୍ଜର ଅନନ୍ତ ପ୍ରସାଦ ଜେନାଙ୍କ ପକ୍ଷରୁ ଶନିବାର ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ କରାଯାଇଛି। ନିଜର ସୁରକ୍ଷା ସହ ହାଣ୍ଡିଆ, ମହୁଲ, ମାଦକ ଦ୍ରବ୍ୟ ନ ରଖିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଥିବା ଦୁଇ ରେଞ୍ଜର ସୂଚନା ଦେଇଛନ୍ତି। ଏହି ୭୨ ହାତୀପଲ ମଧ୍ୟରେ ଅନେକ ଦନ୍ତାହାତୀ ସହ ୨୨ ଛୁଆ ହାତୀ ରହିଥିବା ଜଣାପଡ଼ିଛି।

### କନଷ୍ଟେବଲଙ୍କ ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

ପାଟଣା,୨୨।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଢେଙ୍କିକୋଟ ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ମଲ୍ଲୀପଶି ନିକଟରେ ଶନିବାର ରାତିରେ କନଷ୍ଟେବଲଙ୍କ ବାଇକ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଘଟଣାରେ ବାଇକ ଚାଳକ ମଧ ଗୁରୁତର ହୋଇଛନ୍ତି। ସୂଚନ ଅନୁଯାୟୀ, ଧନେଶ୍ୱର ନାଏକ ନାମକ ବୃଦ୍ଧ ମଲ୍ଲୀପଶି ବଜାରକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏଏପି କନଷ୍ଟେବଲ ସୁନୀଲ ସେଠୀ ଘଟଗାଁ ଥାନାରୁ କରଞ୍ଜିଆ ଥାନାକୁ ଫେରୁଥିବା ବେଳେ ବୃଦ୍ଧଙ୍କୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ହୋଇଥିଲେ। ଅଗ୍ନିଶମ ବାହିନୀ ଉଭୟଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପାଟଣା ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ବେଆଇନ ବାଣ କାରବାର ରୋକିବା ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍

**ବାରିପଦା ଅଫିସ,୨୨।୧୦:** ମୟୂରଭଞ୍ଜ ଜିଲା ବାରିପଦା ସହର ଓ ଏହା ଆଖପାଖ ଅଞ୍ଚଳରେ ବେଆଇନ ବାଣ କାରବାର ରୋକିବା ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ବାରିପଦା ଉପଜିଲାପାଳ, ପୋଲିସ ଓ ମ୍ୟୁନିସିପାଲିଟି ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯିବ ବୋଲି ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି। ଜିଲାରେ ଶନିବାର ସୁଦ୍ଧା ୧୧୮ ବ୍ୟବସାୟୀ ବାଣ ବିକ୍ରି କରିବାକୁ ଲାଇସେନ୍ସ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୧୨ଜଣଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିବା ବେଳେ ସେଥିମଧ୍ୟରୁ ବାରିପଦା ସହର ପାଇଁ ୨୫ଜଣଙ୍କୁ ଅନୁମତି ଦିଆଯାଇଛି। ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀମାନେ ଛଡ଼ ପଡ଼ିଆରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି ବାଣ ବିକ୍ରି ଜାରି ରଖିଛନ୍ତି। ତେବେ ସହର ଓ ଗ୍ରାମାଞ୍ଚଳରେ ଥିବା ଗଳିକନ୍ଦି ଓ ଛୋଟବଡ଼ ଦୋକାନଗୁଡ଼ିକରେ ବେଆଇନ ଭାବେ ବାଣ ବିକ୍ରି କରାଯାଉଛି। କୌଣସି ଅଘଟଣ ଘଟିବା ପୂର୍ବରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ କରିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ନିୟମାନୁଯାୟୀ ଅଗ୍ନିଶମ ବିଭାଗରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ(ଏନ୍ଓସି) ପ୍ରଦାନ କରୁଥିବା ବିଭାଗକୁ ଏହି ସ୍କ୍ୱାଡ୍‌ରେ ସାମିଲ କରାଯାଇ ନାହିଁ। ଫଳରେ ଅନଭିଜ୍ଞ ଅଧିକାରୀମାନେ ବାଣ ବିକ୍ରି ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିବା କେତେଦୂର ଯଥାର୍ଥ ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଗ୍ରାମାଞ୍ଚଳରେ ବେଆଇନ ବାଣ ଦୋକାନଗୁଡ଼ିକରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ଓଡ଼ିଶା ଅମଳା ସଂଘର ଜରୁରୀ ବୈଠକ

### ଭୁବନେଶ୍ୱର ଚଲୋ ଡାକରାରେ ସାମିଲ ଲାଗି ଆହ୍ୱାନ

ବାଲେଶ୍ୱର ଅଫିସ, ୨୨।୧୦

ବାଲେଶ୍ୱର ସହର ରାଜାବଗିଚାସ୍ଥିତ ଅମଲାଭବନ ଠାରେ ଓଡ଼ିଶା ଅମଳା ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ୟାମସୁନ୍ଦର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ଅମଳା ସଂଘର ପୂର୍ବତନ ଅଧ୍ୟକ୍ଷ ବରେନ ପାତ୍ର, ଜିଲା ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି, ଅଶୋକ କୁମାର ଦାସ, ମନୋଜ କୁମାର ଦାସ, ବିଦ୍ୟାଧର ମଲ୍ଲିକ, ପ୍ରଦୀପ କୁମାର ଦାଶ ପ୍ରମୁଖ ଜିଲା ସଂଘର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ଆସନ୍ତା ୩୦ ତାରିଖ ରାଜ୍ୟ ସଂଘ ଦେଇଥିବା ଭୁବନେଶ୍ୱର ଚାଲୋ ଡାକରାରେ ସମସ୍ତେ ସାମିଲ୍ ହେବା ପାଇଁ ଆହ୍ୱାନ ଦେଇଥିଲେ। ଦୀର୍ଘଦିନ ଧରି ସରକାରଙ୍କ ନିକଟରେ ସଂଘ ପକ୍ଷରୁ ହୋଇଆସୁଥିବା ମୁଖ୍ୟ ଦାବି କନିଷ୍ଠ ସହାୟକଙ୍କ ମୂଳ ଦରମା ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ୯୩୦୦-୩୪୮୦୦ ଏବଂ ଗ୍ରେଡ୍ ପେ ୪୨୦୦ କରିବାକୁ ବାରମ୍ବାର ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଉପସ୍ଥିତ ଅମଲାମାନେ ଏଥିପ୍ରତି କ୍ଷୋଭ ପ୍ରକାଶ କରିବା ସହିତ ଭୁବନେଶ୍ୱର ରାଜରାସ୍ତାରେ ଏହାର ଦୃଢ଼ ପ୍ରତିବାଦ ଆଗାମୀ ଦିନରେ କରିବା ପାଇଁ ମଞ୍ଚକୁ ନିବେଦନ କରିଥିଲେ।



ଓଡ଼ିଶା ଅମଳା ସଂଘ ବାଲେଶ୍ୱର ଶାଖାର ବୈଠକ।

# ଅଭିଯୋଗ ଶୁଣିଲେ କେନ୍ଦ୍ର ଆଦିବାସୀ କମିଶନ ସଦସ୍ୟ


ଅଭିଯୋଗ ଶୁଣାଣିରେ ଆଦିବାସୀ କମିଶନ ସଦସ୍ୟ।

ଠାକୁରମୁଣ୍ଡା,୨୨।୧୦(ଡି.ଏନ.ଏ)

କେନ୍ଦ୍ର ଆଦିବାସୀ କମିଶନ ସଦସ୍ୟ ଅନନ୍ତ ନାୟକ ଶନିବାର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗସ୍ତ କରିଛନ୍ତି। ପ୍ରଥମେ ଆଦିବାସୀ ପ୍ରତିନିଧି ଓ ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଠାକୁରମୁଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ କମିଶନଙ୍କ ଶୁଣାଣିରେ ଆଦିବାସୀମାନେ ବ୍ୟକ୍ତିଗତ ସମସ୍ୟା, ଗ୍ରାମର ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ବିଚାରକୁ ନେଇ ସମାଧାନ କରିବାକୁ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ କମିଶନ ସଦସ୍ୟ ତାଳପଦା ପଞ୍ଚାୟତ ଅନ୍ତର୍ଗତ ଭଦୁବାହାଲି ଗ୍ରାମରେ ଶୁଣାଣି କରିଥିଲେ। ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡ଼ି ଗୃହ କରାଯିବାକୁ ସରକାରଙ୍କ ନିକଟରେ ଦାବି ପରେ କାର୍ଯ୍ୟକାରୀ ହୋଇ ନ ପାରିବାର ଅଭିଯୋଗ ଗ୍ରାମବାସୀ କରିବା ସହ ନିଜସ୍ୱ ଓ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। କମିଶନ ସଦସ୍ୟ ଏ ସମସ୍ତ ଅଭିଯୋଗର ସମାଧାନ ତୁରନ୍ତ କରିବାକୁ ଉପସ୍ଥିତ ସରକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ କମିଶନ ସଦସ୍ୟଙ୍କୁ ଗ୍ରାମର ମହିଳାମାନେ ନେଇ ରାସ୍ତା ଅବସ୍ଥା ଦେଖାଇଥିଲେ। ଗସ୍ତ ସମୟରେ ଏଡିଏମ ରାଇରଙ୍ଗପୁର, କରଞ୍ଜିଆ ଆଇଟିଡିଏପିଏ ଦେବଦତ୍ତ ମହାନ୍ତ, କରଞ୍ଜିଆ ଉପଜିଲାପାଳ, ତହସିଲଦାର ସୁଶ୍ରୀ ସୁପ୍ରିୟା, ବ୍ଲକ୍ ଅଧ୍ୟକ୍ଷା ସୋରଜିନୀ ମୁଣ୍ଡା, ବ୍ଲକ୍ ସହକାରୀ ଯନ୍ତ୍ରୀ ମନୋଜ ମିଞ୍ଜ, ଡବ୍ଲୁଇଓ ସୁଶାନ୍ତ ସାହୁ, କମିଶନଙ୍କ ସହକର୍ମୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ କରଞ୍ଜିଆ ବ୍ଲକ୍ ରସମତଳାଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଠାରେ ଅଭିଯୋଗ ଶୁଣାଣି କରିଥିଲେ।

# ଫରୱାର୍ଡ ବ୍ଲକ ପାର୍ଟିରେ ମିଶିଲେ ସନ୍ତୋଷ

ଖଇରା, ୨୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ପ୍ରାକ୍ତନ ସିପିଏମ୍ ନେତା ସନ୍ତୋଷ କୁମାର ସାହୁ ୮ମାସର ନୀରବତା ଭାଙ୍ଗି ୨ଦିନ ତଳେ ଫରୱାର୍ଡ ବ୍ଲକରେ ଯୋଗ ଦେଇ ସଦସ୍ୟତା ଗ୍ରହଣ କରିଛନ୍ତି। ୨୧ତାରିଖରେ ପାର୍ଟିର ଭୁବନେଶ୍ୱର କାର୍ଯ୍ୟାଳୟ ପରିସରରେ ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହି ଦଳରେ ସାମିଲ ହୋଇଛନ୍ତି। ଶନିବାର ଖଇରାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଫରୱାର୍ଡ ବ୍ଲକରେ ଯୋଗଦାନକୁ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଏହି ଦଳର ପ୍ରତିଷ୍ଠାତା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଛାତ୍ର ଜୀବନରୁ ଆଦର୍ଶ ଭାବେ ଗ୍ରହଣ କରିଆସୁଥିଲେ। ବାମପନ୍ଥୀ ଚିନ୍ତାରେ ବିଶ୍ୱାସ ରଖୁଥିବାରୁ ସିପଏମ୍ ଛାଡିବା ପରେ ଫରୱାର୍ଡ ବ୍ଲକରେ ଯୋଗ ଦେଇଛନ୍ତି। ଖଇରା ବ୍ଲକରେ କିଭଳି ସଙ୍ଗଠନକୁ ସୁଦୃଢ଼ କରାଯାଇପାରିବ ସେଥିପାଇଁ ସେ ଯଥାସାଧ ଉଦ୍ୟମ କରିବେ ବୋଲି କହିଛନ୍ତି। ସାହୁଙ୍କ ସହ ମଦନମୋହନ ବେହେରା ମଧ ସଦସ୍ୟତା ଗ୍ରହଣ କରିଛନ୍ତି।



ଖବରଦାତା ସମ୍ମିଳନୀରେ ସନ୍ତୋଷ ସାହୁ।

## ନଦୀରେ ଭାସୁଛି ନବଜାତକର ମୃତଦେହ

ଯୋଡ଼ା,(ଡି.ଏନ.ଏ): କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ କ୍ୟାମ୍ପ ହାଟିଂ ନିକଟସ୍ଥ ସୁନା ନଦୀରେ ଏକ ନବଜାତ ଶିଶୁର ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ମୃତଦେହକୁ ଶନିବାର ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ରୁଗୁଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶିଶୁଟିକୁ ଶୁକ୍ରବାର ରାତିରେ କେହି ନଦୀରେ ଫିଙ୍ଗିଥିବା ସ୍ଥାନୀୟ ଲୋକ ଅନୁମାନ କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ମୃତଦେହ ଜବତ କରିନାହିଁ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଜାତୀୟ ଆୟୁର୍ବେଦ ଦିବସ-୨୦୨୨, ସ୍ଥାନ: ଜିଲା ଆୟୁର୍ବେଦିକ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, ନୂଆବଜାର, ସମୟ: ପୂର୍ବାହ୍ନ ୮ଟା।
- ଶ୍ରୀ ଶ୍ରୀ ଭଗବାନ ଆଦିଦେବ ଧନ୍ୱନ୍ତରୀଙ୍କ ପୂଜା, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

**ଭଣ୍ଡାରିପୋଖରୀ, ୨୨।୧୦ (ସ୍ୱ.ପ୍ର.):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ମାଳଦା ପଞ୍ଚାୟତ ଜଳହରି ବାତ୍ୟା ଆଶ୍ରୟସ୍ଥଳୀଠାରେ ଅନୁଷ୍ଠିତ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ସରପଞ୍ଚ ମିନତି ପରିଡ଼ା, ସମିତିସଭ୍ୟା ରିତାଞ୍ଜଳି ସାମଲ, ପୂର୍ବତନ ସମିତିସଭ୍ୟ ନୃସିଂହ ଖିଲାର, ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବିପର୍ଯ୍ୟୟ ସମୟରେ କେଉଁଭଳି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରିବ ସେନେଇ ଅଗ୍ନିଶମ କର୍ମଚାରୀମାନେ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀମାନେ ଏଥିରେ ଯୋଗ ଦେଇଥିଲେ।

### କଇଁଛ ପିଠିରେ ଜଗନ୍ନାଥଙ୍କ ପ୍ରତିଛବି



**ବାଲେଶ୍ୱର ଅଫିସ, ୨୨।୧୦:** ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଶ୍ରୀକୋଣା ଗାଁରୁ ଉଦ୍ଧାର ହୋଇଥିବା କଇଁଛ ପିଠିରେ ଜଗନ୍ନାଥଙ୍କ ପ୍ରତିଛବି ଦେଖିବାକୁ ମିଳିଛି। ଉଦ୍ଧାର ପରେ କଇଁଛକୁ ସ୍ଥାନୀୟ ଲୋକେ ପୂଜାର୍ଚ୍ଚନା କରି ମନ୍ଦିର ପୋଖରୀରେ ଛଡ଼ାଯାଇଥିଲା।

### କାର ସହ ଡିଜେଲ ଜବତ, ଜଣେ ଗିରଫ

**ଝୁମ୍ପୁରା,୨୨।୧୦(ଡି.ଏନ୍.ଏ):** କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅଧୀନ ୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଟ୍ରକ୍‌ରୁ ଡିଜେଲ ଚୋରି ଅଭିଯୋଗରେ ପୋଲିସ



ଜଣଙ୍କୁ ଗିରଫ କରିଛି। ଚୋରିରେ ବ୍ୟବହୃତ ଏକ କାର ସହ ୧୦ ଲିଟର ଡିଜେଲ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ବୁଲୁ ବେହେରା। ତାଙ୍କୁ ଶନିବାର ପୋଲିସ କୋର୍ଟଚାଲାଣ କରିଛି। ୧୬ ଚକିଆ ଟ୍ରକ୍ ନଂ. ଓଡି ୦୯ ଭି ୨୬୮୫ ରାଜପଥ ପାର୍ଶ୍ୱରେ ପାର୍କିଂ ହୋଇଥିଲା। ରାତିରେ ଏକ କାର ଡିଜେଲ ଚୋରି ଉଦ୍ଦେଶ୍ୟରେ ଟ୍ରକ୍ ପାଖରେ ଲାଗିଥିଲା। ଟ୍ରକ୍ ଡ୍ରାଇଭର ମାଜୁରା ମହାରଣା ଡ଼ରି ଅନ୍ୟ ଟ୍ରକ୍ ଡ୍ରାଇଭରଙ୍କୁ ଫୋନ୍ ଯୋଗେ ସୂଚନା ଦେଇ ଗାଡ଼ି ତଳକୁ ଓହ୍ଲାଇଥିଲେ। ସମସ୍ତ ଡ୍ରାଇଭର ମିଶି ଡିଜେଲ ଚୋରି କରୁଥିବା କାର ନଂ. ଜେଏଚ ୦୫ ସିଇୟୁ ୦୧୭୭କୁ ଚାରି ପଟୁ ଘେରି ଝୁମ୍ପୁରା ଥାନାକୁ ଖବର ଦେଇଥିଲେ। ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଅନ୍ୟଜଣଙ୍କୁ ଡ୍ରାଇଭରମାନେ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଦୁର୍ବୃତ୍ତଙ୍କ କାର, ୧୦ଲିଟର ଡିଜେଲ, ୧୦ଟି ଖାଲି ପ୍ଲାଷ୍ଟିକ ଜାରକିନ ଜବତ କରିଥିଲା। ମାମଲା(ନଂ. ୧୨୨/୨୨) ହୋଇଥିବା ବେଳେ ଚୋରି ର୍‍ୟାକେଟକୁ ଧରାଯିବ ବୋଲି ଝୁମ୍ପୁରା ଥାନାଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି।

# ପ୍ରଥମ ଦିନରେ ଡାକଭୋଟ୍ ଦେଲେ ୩୦୭ ଭୋଟର

### ଧାମନଗର ଉପନିର୍ବାଚନ

**ଭଦ୍ରକ ଅଫିସ, ୨୨।୧୦**

ଧାମନଗର ଉପନିର୍ବାଚନ ଆସନ୍ତା ନଭେମ୍ବର ୩ରେ ହେବାକୁ ଥିବାବେଳେ ବୁଥ୍‌କୁ ଯାଇ ଭୋଟ୍ ଦେବାକୁ ଅସମର୍ଥ ଥିବା ଭୋଟରଙ୍କଠାରୁ ଶନିବାର ଡାକଭୋଟ୍ ଗ୍ରହଣ କରାଯାଇଛି। ପୂର୍ବରୁ ୧୨ ଡି. ଫର୍ମରେ ଆଗୁଆ ସ୍ୱୀକୃତି ପ୍ରଦାନ କରିଥିବା ୫୦୫ ଭୋଟରଙ୍କ ମଧ୍ୟରୁ ପ୍ରଥମ ଦିନରେ ୩୦୭ଜଣ ମତଦାନ କରିଛନ୍ତି। ୩୧୪ ଭୋଟରଙ୍କଠାରୁ ମତଦାନ ସଂଗ୍ରହ ଲାଗି ଧାର୍ଯ୍ୟ କରାଯାଇଥିବା ବେଳେ ୭ଜଣ ଅନୁପସ୍ଥିତ ଥିଲେ। ୨୦ଟି ପୋଲିଂ ଦଳ ଏହି ନିର୍ବାଚନମଣ୍ଡଳୀ ଅଧୀନ ଧାମନଗର ଓ ତିହିଡ଼ି ବ୍ଲକରେ ଘର ଘର ବୁଲି ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଡାକଭୋଟ୍ ସଂଗ୍ରହ କରିଥିଲେ।

ଉପଜିଲାପାଳ ମନୋଜ ପାତ୍ର ଓ ଅତିରିକ୍ତ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁଙ୍କ



ସଂଗ୍ରହ ହୋଇଥିବା ଡାକଭୋଟ୍ ଟ୍ରେଜେରି ଅଫିସରେ ଜମା କରାଯାଉଛି।

ତତ୍ତ୍ୱାବଧାନରେ ଏହି ପୋଲିଂ ଦଳ ପ୍ରେରଣ କରାଯାଇଥିଲା। ପୋଲିଂ ଦଳଠାରୁ ଭୋଟଗୁଡ଼ିକ ସଂଗ୍ରହ କରାଯାଇ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ତିହିଡ଼ି ତହସିଲଦାର ପ୍ରତୀକ ସାହୁ ଓ ଜିଲା ଟ୍ରେଜେରୀ ଅଧିକାରୀଙ୍କ ଉପସ୍ଥିତିରେ ଟ୍ରେଜେରୀରେ ଜମା ଦିଆଯାଇଛି। ରବିବାର ଶେଷ ଦିନରେ ଅବଶିଷ୍ଟ ଭୋଟରଙ୍କଠାରୁ ଡାକଭୋଟ୍ ସଂଗ୍ରହ କରାଯିବ।

## ପୋଲିଂ ଅଧିକାରୀଙ୍କୁ ତାଲିମ

**ଭଦ୍ରକ ଅଫିସ, ୨୨।୧୦**

ଧାମନଗର ଉପନିର୍ବାଚନ ପାଇଁ ନିୟୋଜିତ ପୋଲିଂ ଦଳର ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଧିକାରୀମାନଙ୍କୁ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ପ୍ରଦାନ କରାଯାଇଛି। ଭଦ୍ରକ ସହରସ୍ଥିତ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ୧୨ଟି କକ୍ଷରେ ୬୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ପାଇଁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ରାଜ୍ୟସ୍ତରୀୟ ନିର୍ବାଚନୀ ପ୍ରଶିକ୍ଷଣ ଶିବିରରେ ତାଲିମ ନେଇଥିବା ମାଷ୍ଟର ଟ୍ରେନରମାନେ ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆସନ୍ତା ୨୮ ତାରିଖରେ ତୃତୀୟ ବା ଶେଷ ରାଉଣ୍ଡ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ରହିଛି।

## ସରକାର ବାବାଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟକୁ ବିରୋଧ

**ଭଦ୍ରକ ଅଫିସ, ୨୨।୧୦**

ଏକ ବୈଠକରେ ସରକାର ବାବାଙ୍କ ପ୍ରତି ଅଶୋଭନୀୟ ମନ୍ତବ୍ୟକୁ ବିରୋଧ କରିଛି ଭଦ୍ରକ ମୁସ୍‌ଲିମ ଜମାତ। ଏଭଳି ମନ୍ତବ୍ୟ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ଜମାତ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ପୁରୁଣାବଜାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତିଙ୍କୁ ଶୀଘ୍ର ଗିରଫ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହି ମନ୍ତବ୍ୟ ସରକାର ବାବାଙ୍କ ଭକ୍ତମାନଙ୍କୁ ଘୋର ଆଘାତ ଦେଇଛି ବୋଲି କହି ଭଦ୍ରକ ମୁସ୍‌ଲିମ ଜମାତର ସଭାପତି ଜନାବ ହାଜି ମହମ୍ମଦ ଅବଦୁଲ ବାରି କ୍ଷୋଭ ପ୍ରକାଶ କରିଛନ୍ତି। ଉକ୍ତ ବ୍ୟକ୍ତି ଏଥିପାଇଁ ଯଥାଶୀଘ୍ର କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ହାଜି ଅବଦୁଲ ମୋକିତ ଖାଁ, ଅଧିବକ୍ତା ରେଜା ଏ ରସୁଲ, ଜମିଲ ଅକତର, ସକିଲୁଜ ଜମା ପ୍ରମୁଖ ଉପସ୍ଥିତ ଥିଲେ।

## 'ଆଗ ଥଇଥାନ, ପରେ ସମ୍ପ୍ରସାରଣ'

**ଆରଡ଼ି,୨୨।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ଶୈବପୀଠ ଆରଡ଼ିରେ ମାଷ୍ଟରପ୍ଲାନ କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଘୋଷଣାକୁ ମାସେ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ପୀଠ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେବେ କାର୍ଯ୍ୟ ଆରମ୍ଭ ପୂର୍ବରୁ ଆଗ ବିସ୍ଥାପନ ହେବାକୁ ଥିବା ସେବାୟତଙ୍କ ପରିବାରକୁ ଆଗ ଥଇଥାନ କରାଯାଉ ବୋଲି ଶନିବାର ଆରଡ଼ି ଗସ୍ତ ଅବସରରେ କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି। ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ଅବସରରେ ସେ କହିଥିଲେ, ପୀଠର ଉନ୍ନତିକୁ ବିରୋଧ କରାଯିବନି। କିନ୍ତୁ ପୂର୍ବରୁ ବ୍ୟବସାୟ ପ୍ରତିଷ୍ଠାନ ହରାଇଥିବା ଦୋକାନୀଙ୍କୁ ଥଇଥାନ ନ କଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ। ଶିବଗଙ୍ଗା



ଆରଡି ପୀଠରେ ଜଟଣୀ ବିଧାୟକ ସୁରେଶ ରାଉତରାୟ।

ପୁଷ୍କରିଣୀର ଦୁରାବସ୍ଥା ଦେଖି ସେ ଦୁଃଖ ପ୍ରକାଶ କରିଥିଲେ। ବାବା ଆଖଣ୍ଡଳମଣି ପାଇପ୍ ପାଣିରେ ସ୍ନାନ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଏଥିସହ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ସମାଲୋଚନା କରିଥିଲେ। ଚାନ୍ଦବାଲି ବ୍ଲକ କଂଗ୍ରେସର ବରିଷ୍ଠ ନେତା ଦିଗମ୍ବର ଦାସ, ବଦ୍ରିନାଥ ନାୟକ, ବୃନ୍ଦାବନ ମହାଳିକ ପ୍ରମୁଖ ପୀଠରେ ଉପସ୍ଥିତ ଥିଲେ। ଆରଡ଼ି ଅଞ୍ଚଳର କଂଗ୍ରେସ ନେତା ଆର୍ତ୍ତବନ୍ଧୁ ପାଢ଼ୀ, ଜ୍ୟୋତି ପ୍ରକାଶ ପାଢୀ, କୈଳାସ ପାଢୀ, ନବକିଶୋର ବିଶ୍ୱାଳ, ବେଣୁଧର ସାହାଣୀ ପ୍ରମୁଖ ବିଧାୟକ ରାଉତରାୟଙ୍କୁ ସ୍ୱାଗତ କରିଥିଲେ।

## ଗାଡ଼ି ବ୍ୟାଟେରି ଚୋରି, ଜଣେ ଗିରଫ

**ବୈଶିଙ୍ଗା,୨୨।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମଛପଦା ଗ୍ରାମରୁ ଅଟୋ ରିକ୍ସାଗୁଡ଼ିକରୁ ଗତ କିଛିଦିନ ହେଲା ବ୍ୟାଟେରି ଚୋରି ହେଉଛି। ଏନେଇ ଅଭିଯୋଗ ପରେ ଜଣଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବୈଶିଙ୍ଗା ବଜାର ଅଞ୍ଚଳର ଅଟୋ ଇଲେକ୍ଟ୍ରିକାଲ ମରାମତି ଦୋକାନ ମାଲିକ ପୀତାମ୍ବର ପରିଡ଼ା। ସୂଚନା ଅନୁଯାୟୀ, ଦୁଇଦିନ ତଳେ ଉକ୍ତ ଗ୍ରାମର ବୈଦ୍ୟନାଥ ସାହୁ ଓ ବସନ୍ତ କୁମାର ପାତ୍ରଙ୍କ ଅଟୋରୁ ବ୍ୟାଟେରି ଚୋରି ହୋଇଥିଲା। ପୀତାମ୍ବର ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରାମରୁ ନିଜ ସହଯୋଗୀଙ୍କ ସହ ଦ୍ରୁତଗତିରେ ପଳାଇ ଯାଉଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏନେଇ ବୈଶିଙ୍ଗା ଥାନାରେ ଏକ ମାମଲା (ନଂ. ୩୨୭/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଅଭିଯୁକ୍ତ ପୀତାମ୍ବର ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଏବଂ ଏକ ଗାଡ଼ିରେ ଥିବା ଯାନ୍ତ୍ରିକ ତ୍ରୁଟି ସଜାଡ଼ିବା ଉଦ୍ଦେଶ୍ୟରେ ଉକ୍ତ ଗ୍ରାମକୁ ଯାଇଥିବା ବେଳେ ଗ୍ରାମବାସୀ ଚୋର ସନ୍ଦେହରେ ଅଟକ ରଖିଥିଲେ ବୋଲି କହିଛନ୍ତି।

## ୨ ଦିନରେ ମିଳିଲା ଦିବ୍ୟାଙ୍ଗ ପ୍ରମାଣପତ୍ର

**ଜଳେଶ୍ୱର, ୨୨।୧୦(ଡି.ଏନ.ଏ.)**

### ୧୨ବର୍ଷରେ ମିଳିଲାନି

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ମାଗୁଣିଆପଡା ଦେବେନ୍ଦ୍ର ବେହେରାଙ୍କ ୧୨ବର୍ଷର ଝିଅ ଲିଜାରାଣୀ ବେହେରା ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ବାରମ୍ବାର ଆବେଦନ କରି ପ୍ରମାଣପତ୍ର ପାଇପାରି ନ ଥିଲେ। ତାଙ୍କ ଜନ୍ମ ତାରିଖ ୯।୧୧।୨୦୦୯ ହୋଇଥିବା ବେଳେ ସେ ମାନସିକ ଅନଗ୍ରସର ଥିବା ଜଣାଯାଇଛି। ଦୀର୍ଘ ୧୨ବର୍ଷ ଧରି ସେ ଆବେଦନ କରିଆସୁଥିଲେ ମଧ୍ୟ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିପାରି ନ ଥିଲା। ଗତ ୯ ତାରିଖରେ କାଳିଚରଣ ଦାସ ନାମକ ଯୁବକ ଜିଲାପାଳଙ୍କୁ ଟୁଇଟ କରି ଜଣାଇଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଜଳେଶ୍ୱର ବିଡିଓ ପୁନମ୍ ରାଉତଙ୍କୁ ହିତାଧିକାରୀଙ୍କ ପରୀକ୍ଷା ଲାଗି ନିର୍ଦ୍ଦେଶ ଦେଇଥିଲେ। ୨୦।୧୦।୨୨ରେ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଥିବାରୁ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜାତୀୟ ରାଜପଥରେ ଆଲୋକୀକରଣ ଦାବି

**ପାଟଣା,୨୨।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଢେଙ୍କିକୋଟଠାରୁ କରଞ୍ଜିଆ ଭାୟା-ପାଟଣା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଓ ଛକ ସ୍ଥାନରେ ଆଲୋକୀକରଣ ଦାବି ହୋଇଛି। ଶୀତଦିନ ପୂର୍ବରୁ ଲାଇଟ୍ ଲଗାଇବାକୁ ପାଟଣା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କଂଗ୍ରେସ ମିଡିଆ ସେଲ୍ ଉପସଭାପତି ଇଂ ବିନୋଦ ବିହାରୀ ନାଏକ ଜାତୀୟ ରାଜପଥ, କେନ୍ଦୁଝରର ଅଧୀକ୍ଷଣ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ରାସ୍ତାରେ ଯାତ୍ରୀମାନଙ୍କର ସୁବିଧା ନିମନ୍ତେ ଆଲୋକୀକରଣ ଓ ସୂଚନା ଫଳକ ଲଗାଇବା ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ଭୁବନେଶ୍ୱରର ଏକ ଘରୋଇ କମ୍ପାନୀକୁ ଗତ ମେ ମାସରୁ କାର୍ଯ୍ୟାଦେଶ ମିଳିଥିଲା। ଏଥି ମଧ୍ୟରେ ପାଞ୍ଚ ମାସ ପୂରିଥିଲେ ହେଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାସ୍ତା ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ବେଳେ ଆଗକୁ ଶୀତଋତୁ ଆସୁଥିବାରୁ ଅଞ୍ଚଳରେ ପ୍ରବଳ ଘନ କୁହୁଡ଼ି ଦେଖିବାକୁ ମିଳିବ। କୁହୁଡ଼ି ଯୋଗୁ ଅନେକ ଦୁର୍ଘଟଣା ଅତୀତରେ ଘଟି ଧନଜୀବନ ନଷ୍ଟ ହେବାର ନଜିର ରହିଛି। ଶୀତଦିନ ପୂର୍ବରୁ ଟେଣ୍ଡରର ଅବଧି ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଆଲୋକୀକରଣ ଓ ସୂଚନାଫଳକ ଲଗାଇବା କାର୍ଯ୍ୟ ଶେଷ କରିବାକୁ ନାଏକ ଅନୁରୋଧ କରିଛନ୍ତି।

## ପୋଖରୀରେ ବୁଡ଼ି ଶିଶୁ ମୃତ

**ରୂପସା, ୨୨।୧୦ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ବାସୁଚକୁରି ପଞ୍ଚାୟତ ଅଧୀନ ଧୋବାଚକୁରି ଗ୍ରାମର ଜଣେ ଶିଶୁପୁତ୍ର ଶନିବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ସୁଧାଂଶୁ ଶେଖର ପାତ୍ରଙ୍କ ୨ ବର୍ଷର ପୁଅ ମନୋଜ ଘରେ ଖେଳୁଥିବା ବେଳେ ପୋଖରୀରେ ପଡିଯାଇଥିଲେ। ଘରଲୋକେ ବହୁ ଖୋଜାଖୋଜି ପରେ ପୋଖରୀରେ ଭାସୁଥିବା ଦେଖିଥିଲେ। ପରିବାର ଲୋକେ ସେଠାରୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସ୍ତା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି।

## ସଞ୍ଜୀବ ସଭାପତି, ରଣଜିତ୍ ସମ୍ପାଦକ ନିର୍ବାଚିତ



ଶ୍ରମିକ ସଂଘର ନୂତନ କର୍ମକର୍ତ୍ତା।

**ଯୋଡ଼ା,୨୨।୧୦(ଡି.ଏନ.ଏ)**

### ପୂର୍ବ ଯୋଡ଼ା ଶ୍ରମିକ ସଂଘର ନିର୍ବାଚନ

କେନ୍ଦୁଝର ଜିଲ ଯୋଡସ୍ଥିତ ଟାଟା କମ୍ପାନୀର ପୂର୍ବ ଯୋଡ଼ା ଶ୍ରମିକ ସଂଘ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଏଥିରେ ସଭାପତି ଭାବେ ସଞ୍ଜିବ ଲାକରା ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକଭାବେ ରଣଜିତ୍ ଦାସ, ଡେପୁଟି ସଭାପତି ସୁଧିର ଗିରି, ଉପ ସଭାପତି ମାନସ ରଞ୍ଜନ ଆପଟ, ପ୍ରଦୀପ ହରୋ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମିଶ୍ର, ସହ ସମ୍ପାଦକ ମନୋଜ ସାନୱାସି, ପରିଚାଳନା ସମ୍ପାଦକ ପ୍ରଦୀପ୍ତ ବାରିକ, କୋଷାଧ୍ୟକ୍ଷ ରଞ୍ଜନ ମହାନ୍ତ ନିର୍ବାଚିତ ହୋଇଛନ୍ତି। ମୋଟ ୫୫୩ ଜଣ କର୍ମଚାରୀ ମତଦାନ କରିଥିଲେ। ରଣଜିତ୍ ଦ୍ୱିତୀୟ ଥର ପାଇଁ ବିଜୟଲାଭ କରିଛନ୍ତି। ପୂର୍ବତନ ସମ୍ପାଦକ ଧ୍ରୁବଚରଣ ଦାସ କମ ଭୋଟ ବ୍ୟବଧାନରେ ହାରିଥିବା ବେଳେ ତାଙ୍କର ସମସ୍ତ ସହଯୋଗୀ ବିଜୟ ଲାଭ କରିଛନ୍ତି। ଏଥିରେ ନବ ମିଶ୍ର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ୯ଟି ପଦ ପଦବୀ ପାଇଁ ମୋଟ ୧୯ ଜଣ ୨ଟି ଟିମ୍ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ଭାଗ ନେଇଥିଲେ।

## ଜନ ଆରୋଗ୍ୟ ସମିତି ବୈଠକ

**ସୋର, ୨୨।୧୦(ଡି.ଏନ.ଏ.)**

ବାଲେଶ୍ୱର ବ୍ଲକ ସୋର ବ୍ଲକ ବାଗୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ଆରୋଗ୍ୟ ସମିତି ବୈଠକ ସମିତି ସଭାପତି ଜିଲା ପରିଷଦ ସଭ୍ୟା ରେବତୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସୋର ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ, ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟନାରାୟଣ ନାୟକ, ସମିତି ଅନ୍ୟ ସଦସ୍ୟ ଡା. ଲକ୍ଷ୍ମୀ ପ୍ରସାଦ ରାଉତ, ଭାନୁମତି ମହାନ୍ତି, ମୁକ୍ତିକାନ୍ତ ପାଣିଗ୍ରାହୀ, ବୈକୁଣ୍ଠ ନାଥ ଧାମୁଡ଼ିଆ, ମନୋଜ ପ୍ରଧାନ, ବିଶ୍ୱନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହି ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରମୁଖ ସମସ୍ୟା ଉପରେ ଆଲୋଚନା କରିଥିଲେ।

ଏହାକୁ କାୟାକଳ୍ପ ପରିସରଭୁକ୍ତ କରାଯାଇ ଡାକ୍ତରଖାନାର ପାଚେରି, ନୂତନ ଓପିଡ଼ି, ଆଇପିଡ଼ି ଗୃହ ନିର୍ମାଣ, ଷ୍ଟାଫ୍ କ୍ୱାର୍ଟର୍ସ, ହରବଲ ବଗିଚା ସହିତ ଡାକ୍ତରଖାନା ରାସ୍ତାର ନିକଟବର୍ତ୍ତୀ ପାଇଁ ରାସ୍ତା ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା।

## ଗଜସାଥି ସଦସ୍ୟଙ୍କୁ ପ୍ରଶିକ୍ଷଣ



**ଚମ୍ପୁଆ,୨୨।୧୦(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ନଗର ଭବନଠାରେ ବନାଞ୍ଚଳ ପକ୍ଷରୁ ଗଜସାଥି ଓ ବନସୁରକ୍ଷା ସମିତିର ସଦସ୍ୟଙ୍କୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ହାତୀ ଓ ମଣିଷ ଲଢ଼େଇ ଦୈନନ୍ଦିନ ଘଟଣା ପାଲଟିଥିବା ବେଳେ ସଚେତନତା ସୃଷ୍ଟି କରି ଗଜ ସୁରକ୍ଷା କରିବା ଏହାର ଲକ୍ଷ୍ୟ ବୋଲି ଜଣାଯାଇଛି। ଶିବିରକୁ ଜିଲା ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଧନବୀର ଧନରାଜ ହନୁମନ୍ତ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ଅଜୟ ଦାସ, ପ୍ରକୃତିବନ୍ଧୁ ଧରଣୀଧର ଦାସ, ବନାଞ୍ଚଳ ଅଧିକାରୀ ସଞ୍ଜିବ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଚମ୍ପୁଆ ରେଞ୍ଜରୁ ୧୮୫ଜଣ ଗଜସାଥି ଓ ବଡ଼ବିଲ ରେଞ୍ଜରୁ ୩୦ଜଣ ଗଜସାଥି ଯୋଗ ଦେଇଥିଲେ। ଏଥିସହ ବିଭିନ୍ନ ବନସୁରକ୍ଷା ସମିତି ସଭାପତି ଓ ସଦସ୍ୟ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ସୁବ୍ରତ ବିଶ୍ୱାଳ ଓ ମମତା ମହାନ୍ତ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବନପାଳ ପିଅନ ନାଏକ, ବନରକ୍ଷୀ ଶ୍ରାବଣୀ ମହାନ୍ତ, ପୁତୁଲୁ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

## ହତ୍ୟା ଅଭିଯୋଗ ଆଣିଲେ ବାପା

**ବାହାନଗା, ୨୨।୧୦(ଡି.ଏନ.ଏ.)**

### ମହିଳାଙ୍କ ଆତ୍ମହତ୍ୟା

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ କରଞ୍ଜାବିନ୍ଧା ଗ୍ରାମର ଜଣେ ମହିଳା ଗୁରୁବାର ସନ୍ଧ୍ୟାରେ ନିଜ ଶୋଇବା ଘରେ ବେକରେ ଶାଢୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ପୋଲିସ ମହିଳା ହାତରେ ଧରିଥିବା ଏକ ସୁଇସାଇଡ ନୋଟ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

କରଞ୍ଜାବିନ୍ଧା ଗ୍ରାମର ସୁକାନ୍ତି ବେହେରାଙ୍କ ପୁଅ ବିଶ୍ୱକର୍ମା ୩ବର୍ଷ ପୂର୍ବେ ଖୋର୍ଦ୍ଧା ଗ୍ରାମର ଅଭୟ ପ୍ରଧାନଙ୍କ ଝିଅ ସୁଜାତା ପ୍ରଧାନଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ବିଶ୍ୱକର୍ମା ଖୋର୍ଦ୍ଧାରେ ଏକ ଘରୋଇ ଅର୍ଥଲଗାଣ ସଂସ୍ଥାରେ କାମ କରିବା ବେଳେ ସୁଜାତାଙ୍କ ସହିତ ପ୍ରେମ ହୋଇଥିଲା। ଏବେ ବିଶ୍ୱକର୍ମା ବାଲେଶ୍ୱର ଅଞ୍ଚଳରେ ଏକ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଛନ୍ତି। ଗତ ଗୁରୁବାର ବିଶ୍ୱକର୍ମା ଓ ତାଙ୍କ ମା' ସୁକାନ୍ତି ଘରେ ନ ଥିଲେ। ଅପରାହ୍ନ ୪ଟାରେ ସୁକାନ୍ତି ଘରକୁ ଫେରିବା ପରେ ଉଭୟ ଶାଶୁ ବୋହୂ ଖିଆପିଆ କରିଥିଲେ। ପରେ ଶାଶୁ ସୁକାନ୍ତି ଘାସ କାଟିବା ପାଇଁ ବିଲକୁ ଚାଲିଯାଇଥିଲେ। ବିଲରୁ ଫେରିବା ପରେ ଘର ଭିତରେ ତାଙ୍କ ବୋହୂ ନିଜର ପିନ୍ଧା ଲୁଗା ବେକରେ ବାନ୍ଧି ଫ୍ୟାନରେ ଆତ୍ମହତ୍ୟା କରିଛନ୍ତି। ତୁରନ୍ତ ସୁକାନ୍ତି ଗ୍ରାମବାସୀଙ୍କୁ ଡାକିବା ସହିତ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ବୋହୂଙ୍କ ବାପାଙ୍କ ନିକଟକୁ ଫୋନ ମାଧ୍ୟମରେ ଡାକିଥିଲେ। ଶୁକ୍ରବାର ଖୋର୍ଦ୍ଧାରୁ ମୃତ ମହିଳାଙ୍କ ବାପା ପହଞ୍ଚିବା ପରେ ଗୋପାଳପୁର ଫାଣ୍ଡି ଅଧିକାରୀ କ୍ରିଷ୍ଣା ପିଙ୍ଗୁଆ, ମାଜିଷ୍ଟ୍ରେଟ ଭାବେ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଓ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଥାନାରେ ମୃତ ମହିଳାଙ୍କ ବାପା ଅଭୟ ପ୍ରଧାନ ତାଙ୍କ ଝିଅକୁ ମାରି ଟାଙ୍ଗିଦେଇ ଆତ୍ମହତ୍ୟା ରୂପ ଦେଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୪୮/୨୨) ରୁଜୁ କରିଛି।

## କ୍ଲଷ୍ଟରସ୍ତରୀୟ 'ସୁରଭି'

**ପଦ୍ମପୁର,୨୨।୧୦(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର କ୍ଲଷ୍ଟରର ୮ ବିଦ୍ୟାଳୟକୁ ନେଇ ବଡ଼ଅଗାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସନ୍ତ କୁମାର ନାୟକ, ପ୍ରତାପ କୁମାର ନାୟକ, ପ୍ରଧାନଶିକ୍ଷକ ଖଗେଶ୍ୱର ନାୟକ, ପ୍ରଫୁଲ୍ଲ କୁମାର ନାୟକ ଓ ସିଆର୍‌ସିସି ସୌମେନ୍ଦ୍ର କୁମାର ପଣ୍ଡୁଆ ଯୋଗ ଦେଇଥିଲେ। ଶତାଧିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ସେହିପରି ଜଗନ୍ନାଥପ୍ରସାଦ ପାଟଣାମିଶ୍ରପୁର ସରକାରୀ ୟୁଜିଏମ୍‌ଇ ସ୍କୁଲରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମିତିସଭ୍ୟା ଉର୍ମିଳା ପରିଡ଼ା ଏବଂ ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷକ ଗୋପବନ୍ଧୁ ନାୟକ, ନରହରି ଅଗସ୍ତି, ସିଆର୍‌ସିସି ମାନସ କୁମାର ଯେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



ବଡ଼ଅଗାପୁରଠାରେ ଅନୁଷ୍ଠିତ ସୁରଭି ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

